**ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଓଡିଶାର ଅନୁଗୋଳ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଶାଳଗାଁ-ବୁଢାପଙ୍କ- ତାଳଚେର-ଜରପଡା ମଧ୍ୟରେ କ୍ଷତିଗ୍ରସ୍ତ ଗ୍ରାମଗୁଡିକର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ତା୨୫.୧୦.୨୦୧୯ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳଙ୍କ ସଭାପତିତ୍ୱ ରେ ଉପ-ଜିଲ୍ଲାପାଳ, ଅନୁଗୋଳଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ବୈଠକର ବିବରଣୀ**

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଓଡିଶାର ଅନୁଗୋଳ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଶାଳଗାଁ-ବୁଢାପଙ୍କ- ତାଳଚେର-ଜରପଡା ମଧ୍ୟରେ କ୍ଷତିଗ୍ରସ୍ତ ଗ୍ରାମଗୁଡିକର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ତା୨୫.୧୦.୨୦୧୯ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳଙ୍କ ସଭାପତିତ୍ୱ ରେ ଉପ-ଜିଲ୍ଲାପାଳ, ଅନୁଗୋଳଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇଥିଲା ।

ଉପସ୍ଥିତ ସମସ୍ତ ସଦସ୍ୟ ଓ ଅଧିକାରୀଙ୍କ ତାଲିକା ପରିଶିଷ୍ଟ 'କ' ରେ ସଲଗ୍ନ କରାଗଲା ।

ବୈଠକର ପ୍ରାରମ୍ଭରେ ଉପ-ଜିଲ୍ଲାପାଳ-ତଥା-ପ୍ରଶାସକ(ପୁ.ଥ.), ଅନୁଗୋଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ନିର୍ବାହୀ ଯନ୍ତ୍ରୀ, ପୂର୍ବ ତଟ ରେଳପଥଙ୍କୁ ବୈଠକର ଉଦ୍ଦେଶ୍ୟ ବିଷୟରେ ଏବଂ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶଷଜ୍ଞ ଗୋଷ୍ଠୀର ଭୂମିକା ବିଷୟରେ ବିଶଦ ସୂଚନା ପ୍ରଦାନ କରିବା ନିମନ୍ତେ ନିବେଦନ କରିଥିଲେ।

ଶାଳଗାଁ-ବୁଢାପଙ୍କ- ତାଳଚେର-ଜରପଡା ରେଳପଥର ତୃତୀୟ ଏବଂ ଚତୁର୍ଥ ଲାଇନ ନିର୍ମାଣ, ସମ୍ପୃକ୍ତ ଅଞ୍ଚଳର ସର୍ବସାଧାରଣଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ଶିଳ୍ପ, ପର୍ଯ୍ୟଟନ, ପରିବହନ ଆଦି କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେବ ପାଇଁ ଏକାନ୍ତ ଆବଶ୍ୟକ ଥିବା ହେତୁ ଆବଶ୍ୟକ ଭୂମି ଅଧିଗ୍ରହଣ କରାଯିବା ପାଇଁ ସମସ୍ତେ ସମ୍ମତି ପ୍ରଦାନ କରିବା ସହିତ ଜନ ପ୍ରତିନିଧି ଓ ବିଶେଷଜ୍ଞ ଗୋଷ୍ଠୀ ଲୋକମାନଙ୍କର ବିଭିନ୍ନ ଦାବି ଓ ଆପତ୍ତି ଉପରେ ନିମ୍ନଲିଖିତ ନିଷ୍ପତି ନେଇଥିଲେ।

୧. ରେଳପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପ୍ଲଟର ବଳକା ଜମି ୧ ଡେସିମିଲରୁ ୫ ଡେସିମିଲ ପର୍ଯ୍ୟନ୍ତ ରହି ଯାଉଥିଲେ ସେହି ପ୍ଲଟକୁ ସମ୍ପୂର୍ଣ ରୂପେ ଅଧିଗ୍ରହଣ କରିବା ପାଇଁ ସଭାରେ ସ୍ଥିର ହେଲା ।

୨. ଯେଉଁଠି ରେଳ ଧାରଣ ସଂପ୍ରସାରଣ ଦ୍ୱାରା ଉପାସନା ସ୍ଥଳୀ, ଶ୍ମଶାନ, ବିଦ୍ୟାଳୟ, ଖେଳପଡିଆ, କୋଠଘର, ପୋଖରୀ, ଅଙ୍ଗନବାଡି କେନ୍ଦ୍ର ଓ ଅନାନ୍ୟ ସର୍ବସାଧାରଣ ସମ୍ପତ୍ତି ଆଦି ର କ୍ଷତି ହେବାର ସମ୍ଭାବନା ରହିଛି , ଉକ୍ତ ଗ୍ରାମରେ ତାର ପୁନରୁଦ୍ଧାର ଓ ବିକଳ୍ପ ବ୍ୟବସ୍ଥା କରାଯିବ ।

୩. ଗ୍ରାମ୍ୟ ରାସ୍ତା ଗୁଡିକରେ ଯେଉଁଠାରେ ଲେବଲ କ୍ରସିଂ ରହିଛି , ସେହି ସ୍ଥାନ ଏବଂ ଆବଶ୍ୟକ ସ୍ଥାନମାନଙ୍କରେ ଲେବଲ କ୍ରସିଂ ଉଠାଯାଇ ଓଭର ବ୍ରିଜ ଓ ଭୂତଳ ରାସ୍ତା କରାଯିବା ପାଇଁ ସଭାରେ ଆଲୋଚନା କରାଗଲା । ବ୍ରିଜ ଉଚ୍ଚତା ସର୍ବନିମ୍ନ ୪ ମିଟର ରଖାଯିବ ପାଇଁ ନିଷ୍ପତ୍ତି ନିଆଗଲା ।

୪. ରେଳପ୍ରକଳ୍ପର ଅତି ନିକଟରେ ଥିବା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ପାଚେରି ଅଥବା ପ୍ରତିବନ୍ଧ ନିର୍ମାଣ କରିବା ନିମନ୍ତେ ସୁପାରିଶ କରାଗଲା।

୫. ରେଳପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଗ୍ରାମ୍ୟ ରାସ୍ତାଗୁଡିକୁ ଆବଶ୍ୟକ ସ୍ଥଳେ ନୂତନ ନିର୍ମାଣ ବା ମରାମତି କରି ସେଠାରେ ଆଲୋକ ବ୍ୟବସ୍ଥା କରିବାପାଇଁ ସ୍ଥିର କରାଗଲା ।

୬. ରେଳ ଲାଇନ ଅପର ପାର୍ଶ୍ୱରେ ଥିବା ଜମିରୁ ଜଳ ନିଷ୍କାସନ ନିମନ୍ତେ ନାଳବ୍ୟବସ୍ଥା କରାଯିବ ନିମନ୍ତେ ନିଷ୍ପତ୍ତି ନିଆଗଲା ।.

୭. ରେଳ ଧାରଣା ଭିତରକୁ ଗୃହପାଳିତ ପଶୁଙ୍କର ପ୍ରତ୍ୟେକ୍ଷ ପ୍ରବେଶକୁ ନିଷେଧ କରିବା ପାଇଁ ଧାରଣା ପାର୍ଶ୍ୱରେ ବାଡା ଦେବାପାଇଁ ନିଷ୍ପତ୍ତି ନିଆଗଲା ।

୮. ପ୍ରଥମ ଓ ଦ୍ୱିତୀୟ ରେଳଧାରଣା ଯିବା ସମୟରେ ରାଣିଗୁଡା ଗ୍ରାମର ୧୬ ଏକର ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ନିୟମାନୁଯାୟୀ ଅନ୍ୟ ଜାଗାରେ ଗୋଚର ଜମି ଦିଆଯାଇ ନାହିଁ, ତେଣୁ ଗୋଟେ ଗ୍ରାମରେ କେତେ ଗୋଚର ଜମି ରହିବା କଥା ତାର ସୁବନ୍ଦୋବସ୍ତ ନିମନ୍ତେ ତହସିଲଦାର, ବଅଁରପାଳ ଙ୍କୁ ଅନୁରୋଧ କରାଗଲା ।

୯. ଚକବନ୍ଦିଭୁକ୍ତ ଗ୍ରାମଗୁଡିକର ପ୍ରଜାମାନେ ଜବରଦଖଲ କରୁନଥିବାରୁ ଚକ ପଟ୍ଟା ଦୃଷ୍ଟେ ଚକ ହିସାବରେ କ୍ଷତିପୂରଣ ନ ନେଇ ସାବକ ଦ୍ଖଲଦୃଷ୍ଟେ କ୍ଷତିପୂରଣ ରାଶି ନେବା ପାଇଁ ଦାବି କରିଥିଲେ । ଏହି ଦୃଷ୍ଟେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରାଗଲା

୧୦. ଯେଉଁମାନେ ସମ୍ପୂର୍ଣ୍ଣ ବାସଚ୍ୟୁତ ହେଉଥିବେ କେବଳ ସେମାନେ ହି ପୁନର୍ବାସ ଓ ଥଇଥାନ ଅନୁଦାନ ପାଇପରିବେ ବୋଲି ନିଷ୍ପତି ଦିଆଗଲା ।

୧୧. ଜନ ପ୍ରତିନିଧି ଅଭିଯୋଗ କରିଥିଲେ ଯେ ପୂର୍ବରୁ ରେଲୱେ ଦ୍ୱାରା ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଲୋକମାନେ ଏବେ ପର୍ଯ୍ୟନ୍ତ ଖଜଣା ଦେଉଛନ୍ତି ତେଣୁ ଲୋକମାନଙ୍କ ନାମ ପରିବର୍ତ୍ତେ ରେଲୱେ ନାମରେ ପଟ୍ଟା କରିବା ନିମନ୍ତେ ତହସିଲଦାରଙ୍କୁ ପରାମର୍ଶ ଦିଆଗଲା ।

୧୨. ସରପଞ୍ଚ, ରାଣୀଗୁଡା, ତାଳଚେର ରୋଡ ଷ୍ଟେସନ ନାମ ପରିବର୍ତ୍ତେ ଭୋଗବେରେଣୀ ଷ୍ଟେସନ ନାମ ରଖିବା ପାଇଁ ଦାବି ଜଣାଇ ଥିଲେ । ଏଥି ପ୍ରତି ପଦକ୍ଷେପ ନେବାପାଇଁ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଗଲା ।

ଶେଷରେ ନିଷ୍ପତି କରାଗଲା କି ଲୋକଙ୍କର କିଛି ଅସୁବିଧା ହେଲେ ଗ୍ରାମବାସୀମାନେ କାର୍ଯ୍ୟ ବନ୍ଦ ନ କରି ପ୍ରଶାସନ ସହିତ ଯୋଗାଯୋଗ କରିବେ ଏବଂ ଆଲୋଚନା ମାଧ୍ୟମରେ ତାର ସମାଧାନ କରାଯିବ । ରେଲୱେ ଦ୍ୱାରା ଗ୍ରାମର ବିକାଶମୂଳକ କାର୍ଯ୍ୟରେ ଯଥା ସମ୍ଭବ ସ୍ଥାନୀୟ ଶ୍ରମକର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା ।

ସଭାଶେଷରେ ଆବାହକ ସଦସ୍ୟ ତଥା ଉପ-ଜିଲ୍ଲାପାଳ, ଅନୁଗୋଳ ସମସ୍ତଙ୍କୁ ସେମାନଙ୍କର ସଦୟ ଯୋଗଦାନ ତଥା ସକ୍ରିୟ ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଇଥିଲେ।।



ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ